# ଜଗତେ ଦଗନ୍ତି

ପ୍ରଜାତନ୍ତ୍ର — ମନୋଜ ଦାସ — ୧୮-୫-୮୭

ଗତ ମେ ୨୮ ତାରିଖର ଏକ ସମ୍ବାଦରୁ ପ୍ରକାଶ, ଆମେରିକା ଭୂଖଣ୍ଡରେ ଆଜକୁ ମାତ୍ର ଦଶ ହଜାର ବର୍ଷ ତଳଠାରୁ ମଣିଷ ବସବାସ କରୁଛନ୍ତି ବୋଲି ଯେଉଁ ତଥ୍ୟରେ ଆଜଯାଏ ଐତିହାସିକ ଓ ନୃତତ୍ତ୍ୱବିତ୍‌ଗଣ ବିଶ୍ୱାସ ସ୍ଥାପନ କରି ଆସିଥିଲେ, ତାହା ଭୁଲ । ତିରିଶ ହଜାର ବର୍ଷତଳୁ ମଣିଷ ସେଠାରେ ବସବାସ କରୁଛନ୍ତି ବୋଲି ଡକ୍ଟର ନିମ୍ବିଦ ଗୁଇଡନ ଓ ଡକ୍ଟର ଜ୍ୟାରେଲଡ ମାଲ୍‌ଡେ ଘୋଷଣା କରିଛନ୍ତି ।

## ଇତିହାସର ପୁନର୍ବିଚାର

ଏହି ଘୋଷଣାର ବୈଜ୍ଞାନିକ ଗୁରୁତ୍ୱ ପ୍ରଚୁର, ସନ୍ଦେହ ନାହିଁ । ତେବେ ସେ କଥା ଛାଡ଼ି ଦେଲେ ମଧ୍ୟ ଆମକୁ ଅନ୍ତତଃ ଏତିକି ମନେ ପକାଇଦିଏ ଯେ, ଆମ ଅତୀତ ସମ୍ପର୍କରେ ଅଦ୍ୟାବଧି ଆମର ଜ୍ଞାନ କେତେ ସୀମିତ ବା ଭ୍ରାମକ । କେତେଶହ ବର୍ଷ ତଳେ ମଣିଷର ସୃଷ୍ଟି ସମ୍ପର୍କରେ କୌଣସି ପ୍ରଶ୍ନ ହିଁ ଉଠୁ ନ ଥିଲା, ସେ ଯୁଗର ଦାର୍ଶନିକମାନେ (ପିଥାଗୋରସ, ପ୍ଲାଟୋ, ଆରିଷ୍ଟୋଟଲ) ଧରି ନେଇଥିଲେ ଯେ ମଣିଷ ବରାବର ପୃଥିବୀରେ ରହି ଆସିଛି ! ଏକ ଦିଗରେ ଏହି ଭ୍ରାନ୍ତିର ପୃଷ୍ଠଭୂମିରେ ଅନ୍ୟ ଏକ ନୂତନ ଉପସ୍ଥିତଧର୍ମୀ ଭ୍ରାନ୍ତି ମଧ୍ୟ ବହୁକାଳ ପ୍ରଚଳିତ ରହିଥିଲା : ତାହା ହେଲା (ବାଇବେଲ ଅନୁସାରେ) ମଣିଷ ମାତ୍ର ଛଅହଜାର ବର୍ଷ ହେଲା ସୃଷ୍ଟି ହୋଇଛି । (ମଣିଷର ସୃଷ୍ଟି ସମ୍ବନ୍ଧୀୟ ବହୁ ତଥ୍ୟ ଆଲୋଚନା କରିଛନ୍ତି ସମ୍ପ୍ରତି ଜଣେ ଭାରତୀୟ ଅଧ୍ୟାପକ; ମୋର ବନ୍ଧୁ ଡକ୍ଟର ଭି. ମଧୁସୂଦନ ରେଡ୍ଡି । ସେ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ମୁଖ୍ୟ । ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମ୍ୟାନ ଷ୍ଟଡି କର୍ତ୍ତୃକ ପ୍ରକାଶିତ ତାଙ୍କର ବିପୁଳ କୃତିଟିର ନାମ (Sri Aurobindo's Philosophy of Evolution) । ବାଇବେଲର ଏକ ତଥ୍ୟକୁ ଅନୁସରଣ କରି ସପ୍ତଦଶ ଶତାବ୍ଦୀରେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର କୁଳପତି ଥିବା ଡକ୍ଟର ଲାଇଟଫୁଟ ମଣିଷ ପ୍ରଥମେ ଜନ୍ମ ଗ୍ରହଣ କରିବାର ତାରିଖ ମଧ୍ୟ ନିର୍ଣ୍ଣୟ କରି ଦେଇଥିଲେ । ତାଙ୍କ ମତରେ ଖ୍ରୀଷ୍ଟପୂର୍ବ ୪୦୦୪ ମସିହାରେ ଅକ୍ଟୋବର ୨୩ ତାରିଖ ଦିନ ସକାଳ ୯ଟା ବେଳେ ମଣିଷ ତିଆରି ହୋଇଥିଲା ।

ସେ ଯାହାହେଉ, ଆଜି ବି ପୃଥିବୀର ଇତିହାସ ଅତ୍ୟନ୍ତ ଅସମ୍ପୂର୍ଣ୍ଣ । କେତେକ ବରିଷ୍ଠ ଐତିହାସିକ ଓ ଗବେଷକଙ୍କର ଏଭଳି କିଛି କିଛି ଚମକପ୍ରଦ ତତ୍ତ୍ୱ ରହିଛି, ଯାହା ସମ୍ପର୍କରେ କୌଣସି ଧାରାବାହିକ ଅନୁଶୀଳନ ହୋଇନାହିଁ । ଆପାତ-ଶ୍ରବଣରେ ସେ ସବୁ ବିସ୍ମୟକର ମନେ ହେବ ନିଶ୍ଚୟ; କିନ୍ତୁ ସେ ସବୁର ପ୍ରବକ୍ତାମାନେ କମ ଗୁରୁତ୍ୱ ନୁହନ୍ତି । ଉଦାହରଣ ସ୍ୱରୂପ, ଐତିହାସିକ ପୋକୋକ୍ (Pococke) ବିଶ୍ୱାସ କରନ୍ତି ଯେ, ସମଗ୍ର ଗ୍ରୀକ୍ ସଭ୍ୟତା ହିନ୍ଦୁ ସଭ୍ୟତାର ଏକ ଅବଦାନ ଛଡ଼ା ଆଉ କିଛି ନୁହେଁ । ତାଙ୍କ ମତରେ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳଦେବ କାଳକ୍ରମେ ଗ୍ରୀସରେ ଉପନୀତ ହୋଇ ସେଠାକାର ଶାସକ ହୋଇଥିଲେ । ପୁଣି, ତାଙ୍କ ମତାନୁସାରେ, ପାରସ୍ୟ ଶବ୍ଦର ଉତ୍ପତ୍ତି 'ପରଶୁ' ଶବ୍ଦରୁ : ପରଶୁରାମଙ୍କ ଅନୁଚର ଓ ବଂଶଧରମାନେ ପାରସ୍ୟ ଅଧିକାର କରିଥିଲେ ଓ ବସତି ସ୍ଥାପନ କରିଥିଲେ । ୟୁଫ୍ରେଟିସ ନଦୀର ଅସଲ ନାମ Eu-Bh'rat es: ଲିପ୍ୟନ୍ତରୀକରଣରେ ଯାହାର ଅର୍ଥ ଭାରତ ନାମକ ।

ପାଶ୍ଚାତ୍ୟ ମନୀଷୀମାନେ ଅଦ୍ୟାବଧି ଆମେରିକାରେ ମାତ୍ର ଦଶ-ହଜାର ବର୍ଷ ତଳୁ ମଣିଷ-ବସତି ଆରମ୍ଭ ହୋଇଛି ବୋଲି ବିଶ୍ୱାସ କରୁଥିଲେ ଯିନା, କିନ୍ତୁ ତାଙ୍କ ଭିତରେ ଏଭଳି ମନୀଷୀ ଅଛନ୍ତି, ଯେଉଁମାନେ ଏକଦା ଦୃଢ଼ଭାବରେ ବିଶ୍ୱାସ କରୁଥିଲେ ଯେ, ଭାରତବର୍ଷ ଓ ଆମେରିକା ଭିତରେ ହଜାର ହଜାର ବର୍ଷ ତଳୁ ସମ୍ପର୍କ ସ୍ଥାପିତ ହୋଇଥିଲା: ଅନ୍ତତଃ ଦଶହଜାର ବର୍ଷ ତଳେ ଆମେରିକା ଭୂଖଣ୍ଡରେ ଗୋଟିଏ ପୂର୍ଣ୍ଣାଙ୍ଗ ସଭ୍ୟତା ବିରାଜମାନ କରୁଥିଲା । (ଏ ବିଷୟରେ ପୂର୍ବରୁ ଥରେ ଏହି ସ୍ତମ୍ଭରେ ଆଲୋଚନା କରାଯାଇଛି) ମେକ୍ସିକୋରେ କିପରି ଗଣେଶ ଓ ଶିବଙ୍କ ପୂଜା ପ୍ରଚଳିତ ହେଲା; ତାହା ଆଜିଯାଏ ଏକ ଅସମାଧିତ ରହସ୍ୟ ।

## ପୁନର୍ବିଚାର

ଦିନେ ସଭ୍ୟତାର ନୂତନ ଇତିହାସ ଲେଖା ହେବ ନିଶ୍ଚୟ, କିନ୍ତୁ ସେଥିପାଇଁ ତାହା ପୂର୍ବରୁ ମଣିଷକୁ ବହୁ ଜାତିଗତ, ଗୋଷ୍ଠୀଗତ ଅହମିକା ଓ ସଂସ୍କାରରୁ ମୁକ୍ତ ହେବାକୁ ପଡ଼ିବ । ଐତିହାସିକ ସତ୍ୟ ଯେତିକି କ୍ରମାଗତ, ବୈଜ୍ଞାନିକ-ଆବିଷ୍କାର-ସାପେକ୍ଷ, ସେତିକି ଚେତନାଗତ ଉଦାହରଣ ଓ ନିରପେକ୍ଷତା-ସାପେକ୍ଷ ।

———

ଏଜେଣ୍ଟ, ନୈରାଜ୍ୟରେ ଭାରତୀୟ
ଅଣସ୍ୱର କେବେ ଭାରତର ଅଗାଧ
ଅଙ୍କିତ ସମ୍ପଦାୟକୁ ବଳିପିବ
ଜନତାର ଦୃଷ୍ଟି ଆକର୍ଷଣ
ଅତଏବ ତା'ର ଭବିଷ୍ୟତ
କିନ୍ତୁ ଏସବୁ ଆଲୋଚନ
ପ୍ରୟୋଜନ ନାହିଁ । ହଜାର
ବର୍ଷ ଧରି ଯେଉଁ କେଶ ନି
କେତେ ଆନ୍ଦୋଳନ,
ସ୍ୱାତନ୍ତ୍ର୍ୟ ସମୃଦ୍ଧର ହୋଇ
ଦ୍ରୁଏ ମାତ୍ର କେତେ ପୁରୁ
ସେହି କେଶ ନିଶ ହେବ
ଏକ ଐତିହାସିକ ସମଗ୍ରୀ
କେତେକ ବୈଜ୍ଞାନିକ ସ୍ପ
କହୁଛନ୍ତି ଯେ, ଆଣବିକ
ଆଧିକ୍ୟ ଯୋଗୁଁ ବାୟୁମଣ୍ଡ
କ୍ରମାଗତ ଭାବରେ
ହୋଇ ଚାଲିଛି, ସେଥିଯୋ
ଷ୍ୟତର ବଂଶଧରମାନେ
ନିର୍ମଳ କପାଳ ! କେ
ମହାକାବ୍ୟରେ ନାଗ-ରୂପ
କେଶ ଯେଉଁ ମହାର୍ଘ୍ୟ ସ୍ଥା
ଭବିଷ୍ୟତର କପାଳ ଜନ
ତାକୁ ପ୍ରାଗୈତିହାସିକ
ବୋଲି ବିଚାରପାରେ !
ମଣିଷର ଯେଉଁ ଅଦ
ତାହା ହେବ ନୂତନ୍ତ୍ର
(କୌଣସି ଏକ ଗ୍ରାମ

[ ୪ର୍ଥ ପୃଷ୍ଠା ଦେଖ

ଶୋଭାବମୋଘ ଚମ୍ପାର
ଆକାମ୍ୱାଲଙ୍କ ଭୂମିକାରେ
ହେବେ ।

ମଙ୍ଗୋଲ ରାଜା
ଭାରତ ଅଭିଯାନ
ପ୍ରଯୋଜକ ଉମେଶ ମ
ଲିଖିତ ଏହି ଗଳ୍ପର
ମୁଖ୍ୟତଃ ରାଜସ୍ଥାନର
ନିକଟରେ ହେବ ।
୪ ସପ୍ତାହ କାଳ ସୁଟିଂ
ଚିତ୍ରର ଅନ୍ୟାନ୍ୟ ସୁଟିଂ
ଠାରେ କରିବେ ।
ସେପ୍ଟେମ୍ବର ମାସ
କରିବ ।

ଚିତ୍ର ଜଗତରେ